**ପାଠ ଯୋଜନା: ଉଚ୍ଚ ପ୍ରାଥମିକ ଇଂରାଜୀ**

| **ଓଡ଼ିଆ (ହିନ୍ଦି ଓ ଇଂରାଜୀ ସହିତ)** |
|---|
| **ଶିକ୍ଷୟିତ୍ରୀ:** Good afternoon, children!<br>**ଛାତ୍ରଛାତ୍ରୀମାନେ:** Good afternoon, ma’am!<br>ଧାରାବିବରଣୀ:<br>ଏହି ଉଚ୍ଚ ପ୍ରାଥମିକ ଶ୍ରେଣୀରେ ଜଣେ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ଇଂରାଜୀ ଅକ୍ଷର ଓ ଶବ୍ଦର ବ୍ୟବହାର ଅଭ୍ୟାସ କରାଇବାରେ ସାହାଯ୍ୟ କରିବାକୁ ଗୋଟିଏ ଯୋଜନା କରିଛନ୍ତି। ପାଠ ଆରମ୍ଭ ହେବା ପୂର୍ବରୁ ସେ ଇଂରାଜୀ ଅକ୍ଷରର ଗୋଟିଏ ସରଳ ଲେଖାର ଧାଡ଼ି ଶ୍ରେଣୀଗୃହର ପଛପଟେ ଝୁଲାଇଲେ।<br>**ଶିକ୍ଷୟିତ୍ରୀ:** Today, we will play a game! Some alphabets are hanging, on that string.<br>तो हमें क्या करना है? This is a picture.<br>**ଛାତ୍ରଛାତ୍ରୀମାନେ:** Yes, ma’am.<br>**ଶିକ୍ଷୟିତ୍ରୀ:** You see the objects in that picture?<br>**ଛାତ୍ରଛାତ୍ରୀମାନେ:** Yes, ma’am.<br>ଧାରାବିବରଣୀ:<br>ଏହି ପାଠ୍ୟ ଯୋଜନା କରିବା ସମୟରେ, ଶିକ୍ଷୟିତ୍ରୀ ଚିତ୍ର ବ୍ୟବହାର କରିଛନ୍ତି, ଯେଉଁଥିରୁ ତାଙ୍କ ଛାତ୍ରଛାତ୍ରୀ ବନାନ କରିବା ପାଇଁ ବସ୍ତୁର ଚିତ୍ର ବାଛିବେ। ବସ୍ତୁଗୁଡ଼ିକର ଚିତ୍ର ଶ୍ରେଣୀର ସ୍ତର ପାଇଁ ଉପଯୁକ୍ତ ହୋଇଥିବ।<br>**ଶିକ୍ଷୟିତ୍ରୀ:** तो जो objects हैं, जो भी चीज़ें हैं, वो हमें पहचाननीं हैं। और उन्हीं के spelling के according, वहाँ से alphabets, हमें pick करने हैं। And उसके according, उस group को खड़ा होना है।<br>We will make a group of four. First row and third row will turn around. Yes.<br>Group 1, Group 2...<br>ଧାରାବିବରଣୀ:<br>ଶିକ୍ଷୟିତ୍ରୀ ବିଭିନ୍ନ ଦଳ ବ୍ୟବହାର କରିବାକୁ ଯୋଜନା କରିଛନ୍ତି, ଯାହାଫଳରେ ଛାତ୍ରଛାତ୍ରୀମାନେ ମିଳିମିଶି ପରସ୍ପରକୁ ଶିକ୍ଷାଲାଭ ନିମନ୍ତେ ସାହାଯ୍ୟ କରିପାରିବେ। ଧ୍ୟାନ ଦିଅନ୍ତୁ କିପରି ଭାବରେ ସେ ଦଳଗତ କାର୍ଯ୍ୟ ପରିଚାଳନା କରିବା ପାଇଁ ଇଂରାଜୀରେ ନିର୍ଦ୍ଦେଶ ଦେଉଛନ୍ତି।<br>**ଶିକ୍ଷୟିତ୍ରୀ:** Group 3, come here. And…<br>ଧାରାବିବରଣୀ:<br>ଶିକ୍ଷୟିତ୍ରୀ ଏହି ଦଳକୁ ଇଂରାଜୀ ଶବ୍ଦ “FISH” ରୁ ଅକ୍ଷରଗୁଡ଼ିକ ବାଛିବାକୁ କହିଛନ୍ତି।<br>**ଶିକ୍ଷୟିତ୍ରୀ:** And pick the letters. Very good!<br>Is it right?<br>**ଛାତ୍ରଛାତ୍ରୀମାନେ:** No, ma’am.<br>**ଶିକ୍ଷୟିତ୍ରୀ:** Correct it. Come and correct it.<br>Now, is this right? |

**ଛାତ୍ରଛାତ୍ରୀମାନେ:** Yes, ma’am.

ଧାରାବିବରଣୀ:

ଛାତ୍ରଛାତ୍ରୀ ଅଗ୍ରଗତି କରିବା ସହିତ ଶିକ୍ଷୟିତ୍ରୀ ମଧ୍ୟ ସେମାନଙ୍କୁ ବନାନ କରିବା ପାଇଁ ଅଧିକ କଷ୍ଟକର ଶବ୍ଦ ଦେଇପାରିବେ।

ପରବର୍ତ୍ତୀ ପାଠରେ ଶିକ୍ଷୟିତ୍ରୀ ଅବଶିଷ୍ଟ ଶ୍ରେଣୀକୁ ଅନ୍ୟ କାର୍ଯ୍ୟରେ ନିୟୋଜିତ ରଖି ଜଣ ଜଣ କରି ଛାତ୍ରମାନଙ୍କୁ ଇଂରାଜୀ ପଢ଼ିବାରେ ଅଧିକ ସାହାଯ୍ୟ ପ୍ରଦାନ କରିବା ପାଇଁ ଯୋଜନା କରିଛନ୍ତି। ଅଧ୍ୟାୟର କ୍ରମନ୍ୱୟ ପାଠ ଯୋଜନା କରିବା ପାଇଁ ଆପଣଙ୍କ ଛାତ୍ରଛାତ୍ରୀଙ୍କର ସଂପର୍କିତ ଧାରଣା, ସେମାନଙ୍କର ପୂର୍ବର ଜ୍ଞାନ ଓ ସେମାନଙ୍କର ଅଗ୍ରଗତି ବିଷୟରେ ଜାଣିବା ଆପଣଙ୍କ ପାଇଁ ଆବଶ୍ୟକ।

**ଶିକ୍ଷୟିତ୍ରୀ:** Other student will make a drawing, hmm? A drawing.

Draw करेंगे आप लोग, और drawing में आपको बनाना क्या है?

ଧାରାବିବରଣୀ:

ଶିକ୍ଷୟିତ୍ରୀ ତାଙ୍କର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପ୍ରିୟ ଫଳର ଚିତ୍ର ଆଙ୍କିବାକୁ ଓ ଏ ବିଷୟରେ କେତୋଟି ବାକ୍ୟରେ ବର୍ଣ୍ଣନା କରିବାକୁ କହନ୍ତି।

**ଶିକ୍ଷୟିତ୍ରୀ:** Tushar?

**ଛାତ୍ରଛାତ୍ରୀ ୧:** I like apple.

**ଶିକ୍ଷୟିତ୍ରୀ:** Very good!

And you will write two or three sentences. Two or three sentences on favourite fruit.

ଧାରାବିବରଣୀ:

ଶିକ୍ଷୟିତ୍ରୀ ଶ୍ରେଣୀରେ ସମସ୍ତଙ୍କୁ ନିରବରେ କାମ କରିବା ପାଇଁ ସ୍ୱଷ୍ଟ ନିର୍ଦ୍ଦେଶ ଦେବା ସହିତ, ଜଣ ଜଣ କରି ଛାତ୍ରମାନଙ୍କୁ ପଢ଼ିବାରେ ସାହାଯ୍ୟ କରିବା ପାଇଁ ଡାକିଥାନ୍ତି।

**ଶିକ୍ଷୟିତ୍ରୀ:** Now, I call Vishnu. Yes, come here!

Sit here. Yes, please keep quiet, hmm?

**ଛାତ୍ରଛାତ୍ରୀମାନେ:** Yes, ma’am.

**ଛାତ୍ରଛାତ୍ରୀ ୨:** You must have heard the man... name of A.P.J. Abdul Kalam?

**ଶିକ୍ଷୟିତ୍ରୀ:** Slowly, slowly! Slowly, slowly!

**ଛାତ୍ରଛାତ୍ରୀ ୨:** The former Pres... President of India. He was born on...

ଧାରାବିବରଣୀ:

ବହୁତ ପିଲା ଥିବା ଶ୍ରେଣୀରେ ଶିକ୍ଷୟିତ୍ରୀଙ୍କୁ ଗୋଟି ଗୋଟି କରି ପିଲାଙ୍କୁ ଯେ କୌଣସି ଗୋଟିଏ ଅଧ୍ୟାୟ ପଢ଼ିବାରେ ସାହାଯ୍ୟ କରିବା ସମ୍ଭବ ହେବ ନାହିଁ, କିନ୍ତୁ ଯତ୍ନପୂର୍ବକ ଯୋଜନା କଲେ, ସମୟ କ୍ରମେ ଏହା ହାସଲ କରାଯାଇପାରିବ।

**ଶିକ୍ଷୟିତ୍ରୀ:** In Tamil Nadu...

**ଛାତ୍ରଛାତ୍ରୀ ୨:** He... be... belunged!

**ଶିକ୍ଷୟିତ୍ରୀ:** Be... इसको break करके पढो। Be... lo...nged.

**ଛାତ୍ରଛାତ୍ରୀ ୨:** Be...lo...nged

**ଶିକ୍ଷୟିତ୍ରୀ:** हाँ।

**ଛାତ୍ରଛାତ୍ରୀ ୨:** To a poor family.

**ଶିକ୍ଷୟିତ୍ରୀ:** Very good!

ଧାରାବିବରଣୀ:

ଜଣ ଜଣକୁ ସହାୟତା ପ୍ରଦାନ କରିବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ସାଧାରଣତଃ ପଢ଼ିବା ସମୟରେ ହେଉଥିବା ସାଧାରଣ ତ୍ରୁଟି ଯେପରିକି ଉଚ୍ଚାରଣ ଭୁଲ, ବିରାମ ଚିହ୍ନ ଭୁଲ୍ ଏବଂ ଅକ୍ଷରକୁ ନେଇ ଦ୍ୱନ୍ଦ୍ୱ ଦୂର କରାଯାଇପାରିବ।

**ଛାତ୍ରଛାତ୍ରୀ ୩:** A short... holiday gives us... dib...? dubel?

**ଶିକ୍ଷୟିତ୍ରୀ:** Double!

**ଛାତ୍ରଛାତ୍ରୀ ୩:** Double.

**ଶିକ୍ଷୟିତ୍ରୀ:** Very good, double!

**ଛାତ୍ରଛାତ୍ରୀ ୩:** Ene...

**ଶିକ୍ଷୟିତ୍ରୀ:** E–N?

**ଛାତ୍ରଛାତ୍ରୀ ୩:** Energy.

**ଶିକ୍ଷୟିତ୍ରୀ:** Very good!

**ଛାତ୍ରଛାତ୍ରୀ:** In your.

**ଶିକ୍ଷୟିତ୍ରୀ:** In? In?

**ଛାତ୍ରଛାତ୍ରୀ ୩:** In our work!

**ଶିକ୍ଷୟିତ୍ରୀ:** OK, **बेटा।** Excellent!

ଧାରାବିବରଣୀ:

ଶିକ୍ଷୟିତ୍ରୀ ପଢୁଥିବା ଛାତ୍ରଙ୍କୁ ପ୍ରଶଂସା କରନ୍ତି ଏବଂ ତାହା ପରେ ଶ୍ରେଣୀରେ ଅନ୍ୟମାନେ କିପରି ଭାବରେ ଚିତ୍ରାଙ୍କନ କରୁଛନ୍ତି ଓ ପ୍ରିୟ ଫଳ ବିଷୟରେ ବର୍ଣ୍ଣନା କରୁଛନ୍ତି ଦେଖିଥାନ୍ତି।

**ଶିକ୍ଷୟିତ୍ରୀ:** Have you finished your drawing?

**ଛାତ୍ରଛାତ୍ରୀମାନେ:** Yes, ma’am.

**ଶିକ୍ଷୟିତ୍ରୀ:** Very good**! और हरेक ने अपने अपने** sentences **लिख लिए?**

**ଛାତ୍ରଛାତ୍ରୀମାନେ:** Yes, ma’am.

**ଶିକ୍ଷୟିତ୍ରୀ:** Everybody...

ଧାରାବିବରଣୀ:

ଏହି ଅଧ୍ୟାୟ ଶେଷରେ ଶିକ୍ଷୟିତ୍ରୀ ପିଲାମାନଙ୍କୁ ଭବିଷ୍ୟତର ଯୋଜନା ବିଷୟରେ ଜଣାଇବା ପାଇଁ ଛାତ୍ରଛାତ୍ରୀଙ୍କ ଅଗ୍ରଗତି ସମୀକ୍ଷା କରିଥାନ୍ତି। ଆପଣ କିପରି ଭାବରେ ଆପଣଙ୍କ ପାଠ ଯୋଜନା ଉନ୍ନତି ପାଇଁ, ଛାତ୍ରଛାତ୍ରୀଙ୍କ ଶିକ୍ଷାଲାଭର ସମୀକ୍ଷାକୁ ବ୍ୟବହାର କରିପାରିବେ?

**ଛାତ୍ରଛାତ୍ରୀ ୪:** I like mango, yellow, yellow, lovely mango!

**ଶିକ୍ଷୟିତ୍ରୀ:** OK, very good!